1960
ଅଗଷ୍ଟ 18

ରାଜସ୍ଥାନ ରାଜ୍ୟ ଏବଂ ଅନ୍ୟମାନେ

ବନାମ

ଠାକୁର୍ ପ୍ରତାପ ସିଂହ

(ଏସ୍. କେ. ଦାସ, ଏମ୍. ହିଦାୟତୁଲ୍ଲା, କେ. ସି. ଦାସ ଗୁପ୍ତା, ଜେ. ସି. ଶାହା ଏବଂ ଏନ୍. ରାଜଗୋପାଳ ଆୟଙ୍ଗର୍, ନ୍ୟାୟମୂର୍ତ୍ତିବୃନ୍ଦ)

*ଜାତି ଏବଂ ଧର୍ମ ଆଧାରରେ ଭେଦଭାବ - ହରିଜନ ଏବଂ ମୁସଲମାନମାନଙ୍କୁ ଅତିରିକ୍ତ ପୋଲିସ୍ ଖର୍ଚ୍ଚ ପ୍ରଦାନରୁ ଅବ୍ୟାହତି ଦେବା ପାଇଁ ସରକାରୀ ଅଧିସୂଚନା – ବୈଧତା - ଭାରତର ସମ୍ବିଧାନ, ଅନୁଛେଦ 15 (1) - ପୋଲିସ୍ ଅଧିନିୟମ, 1861 (1861 ର V), ଧାରା 15 ।*

ପୋଲିସ୍ ଅଧିନିୟମର ଧାରା 15 ଅନୁଯାୟୀ ଜାରି ହୋଇଥିବା ଏକ ଅଧିସୂଚନାର ପାରା 4 ଦ୍ୱାରା, ରାଜସ୍ଥାନ ସରକାର କେତେକ ଗାଁର ହରିଜନ ଏବଂ ମୁସଲମାନ ଅଧିବାସୀମାନଙ୍କୁ ସେଠାରେ ନିୟୋଜିତ ଅତିରିକ୍ତ ପୋଲିସ୍ ବାହିନୀର ଖର୍ଚ୍ଚ ପ୍ରଦାନରୁ ଅବ୍ୟାହତି ଦେଇଥିଲେ । ଏହି ଅଧିସୂଚନା ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 15 (1) ରେ ଥିବା ପ୍ରତିଶ୍ରୁତିକୁ ଉଲ୍ଲଂଘନ କରୁଛି ବୋଲି ଆପତ୍ତି କରାଯାଇଥିଲା ।

ଏହା ବିଚାର କରାଯାଇଥିଲା ଯେ, ଯେହେତୁ ଅଧିସୂଚନାର ପାରା 4 ଅନ୍ୟ ସମ୍ପ୍ରଦାୟଗୁଡ଼ିକର ଆଇନ ପାଳନକାରୀ ସଦସ୍ୟଙ୍କ ପ୍ରତି ଭେଦଭାବ କରିଥିଲା ଏବଂ ଜାତି ଓ ଧର୍ମ ଆଧାରରେ ମୁସଲମାନ ଏବଂ ହରିଜନଙ୍କ ସପକ୍ଷରେ ଥିଲା, ଏହା ସମ୍ବିଧାନର ଅନୁଚ୍ଛେଦ 15 (1) ର ବ୍ୟବସ୍ଥା ଦ୍ୱାରା ସିଧାସଳଖ ପ୍ରଭାବିତ ହୋଇଥିଲା ଏବଂ ତେଣୁ ଏହାକୁ ଅବୈଧ ଘୋଷଣା କରାଯିବା ଆବଶ୍ୟକ ।

ଦେୱାନୀ ଆବେଦନ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 231/1956 ।

1952 ର ଆଜ୍ଞାଦେଶ ଆବେଦନ ସଂଖ୍ୟା 141 ରେ ଜୟପୁରସ୍ଥିତ ରାଜସ୍ଥାନ ଉଚ୍ଚ ନ୍ୟାୟାଳୟ (ଜୟପୁର ଖଣ୍ଡପୀଠ) ଙ୍କ 1953 ମସିହା ସେପ୍ଟେମ୍ବର 11 ତାରିଖରେ ଦିଆ ଯାଇଥିବା ରାୟ ଏବଂ ଆଦେଶ ବିରୁଦ୍ଧରେ ପୁନର୍ବିଚାର ପାଇଁ ଆବେଦନ ।

ଆବେଦନକାରୀଙ୍କ ତରଫରୁ ଏମ୍. ଏସ୍. କେ. ଶାସ୍ତ୍ରୀ ଏବଂ ଟି. ଏମ୍. ସେନ୍ ।

ପ୍ରତିବାଦୀ ହାଜର ହୋଇନଥିଲେ ।

1960 ଅଗଷ୍ଟ 18. ନ୍ୟାୟାଳୟଙ୍କ ରାୟ ପ୍ରଦାନ କରାଯାଇଥିଲା

ନ୍ୟାୟମୂର୍ତ୍ତି ରାଜାଗୋପାଳ ଆୟଙ୍ଗର୍

ନ୍ୟାୟମୂର୍ତ୍ତି ରାଜାଗୋପାଳ ଆୟଙ୍ଗର୍ - ଏହି ଆବେଦନ ପୋଲିସ ଅଧିନିୟମ, 1861 (1861 ର V) ର ଧାରା 15 ଅନୁଯାୟୀ ରାଜସ୍ଥାନ ରାଜ୍ୟ ଦ୍ୱାରା ଜାରି କରା ଯାଇଥିବା ଏକ ଅଧିସୂଚନାର ଏକ ପାରାର ସାମ୍ବିଧାନିକ ବୈଧତାକୁ ବିଚାର କରିବା ପାଇଁ ଉପସ୍ଥାପନ କରେ, ଯାହା ଅଧୀନରେ ଏକ ଅତିରିକ୍ତ ପୋଲିସ ବାହିନୀ ନିୟୋଜିତ ହୋଇଥିବା ଗ୍ରାମ ଗୁଡ଼ିକରେ "ହରିଜନ" ଏବଂ "ମୁସଲମାନ" ବାସିନ୍ଦାଙ୍କୁ ସେହି ପୋଲିସ ବାହିନୀର ଖର୍ଚ୍ଚର କୌଣସି ଅଂଶ ବହନ କରିବାର ଆଇନଗତ ବାଧ୍ୟତାରୁ ଅବ୍ୟାହତି ଦିଆଯାଇଥିଲା ।

ଏହା କୁହାଯାଇଛି ଯେ ରାଜସ୍ଥାନ ରାଜ୍ୟର ଝୁନଝୁନୁ ଜିଲ୍ଲାର କେତେକ ଗ୍ରାମର ଅଧିବାସୀମାନେ, ଡକାୟତ ଏବଂ ଚୋରା ସମ୍ପତ୍ତି ଗ୍ରହଣକାରୀଙ୍କୁ ଆଶ୍ରୟ ଦେଇଥିଲେ ଏବଂ ଏହା ବ୍ୟତୀତ, ଜମିଦାର ଏବଂ ଭଡ଼ାଟିଆଙ୍କ ମଧ୍ୟରେ ସମସ୍ୟା ସୃଷ୍ଟି କରୁଥିଲେ, ଯାହାର ଫଳସ୍ୱରୂପ ସ୍ଥାନୀୟ ଅଞ୍ଚଳରେ ଗୁରୁତ୍ତର ଦଙ୍ଗା ହୋଇଥିଲା, ଯେଉଁଥିରେ କିଛି ଲୋକ ପ୍ରାଣ ହରାଇଥିଲେ । ତେଣୁ ରାଜ୍ୟ ସରକାର ପୋଲିସ ଅଧିନିୟମର ଧାରା 15 ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ । ଏହି ଧାରା କହିଅଛି:

"ଅଶାନ୍ତ କିମ୍ବା ବିପଦପୂର୍ଣ୍ଣ ଜିଲ୍ଲାରେ ଅତିରିକ୍ତ ପୁଲିସ ମୁତୟନ -

(1) ରାଜ୍ୟ ସରକାରଙ୍କ ପକ୍ଷରେ, ସରକାରୀ ରାଜପତ୍ରରେ ଅଧିସୂଚିତ ଉଦ୍-ଘୋଷଣା ଦ୍ୱାରା, କିମ୍ବା ରାଜ୍ୟ ସରକାର ନିର୍ଦ୍ଦେଶ ଦେବାମତେ ଏବଂ ଅନ୍ୟ ରୀତିରେ, ନିଜସ୍ୱ ପ୍ରାଧିକାରର ବଶବର୍ତ୍ତୀ ହୋଇଥିବା କୌଣସି କ୍ଷେତ୍ର ଅଶାନ୍ତ କିମ୍ବା ବିପଦଜନକ ଅବସ୍ଥାରେ ଥିବାର ଦେଖା ଯାଉଛି ବୋଲି ଘୋଷଣା କରିବା କିମ୍ବା ସେହି କ୍ଷେତ୍ରର ଅଧିବାସୀମାନଙ୍କର କିମ୍ବା ତନ୍ମଧ୍ୟରୁ କୌଣସି ଶ୍ରେଣୀର କିମ୍ବା ଗୋଷ୍ଠୀର ଆଚରଣ ଯୋଗୁଁ ପୋଲିସ ସଂଖ୍ୟା ବଢାଇବା ସମୀଚୀନ ବୋଲି ଘୋଷଣା କରିବା ରାଜ୍ୟ ସରକାରଙ୍କ ପକ୍ଷରେ ବିଧିସମ୍ମତ ହେବ ।

(2) ଏହାପରେ, ରାଜ୍ୟ ସରକାରଙ୍କ ସମ୍ମତିକ୍ରମେ, ଉପରୋକ୍ତ ଉଦ୍-ଘୋଷଣାରେ ବିନିର୍ଦ୍ଦିଷ୍ଟ କ୍ଷେତ୍ରରେ ସାଧାରଣ ଭାବରେ ରଖାଯାଇଥିବା ପୋଲିସଙ୍କଠାରୁ ଅଧିକ ପୋଲିସ ବାହିନୀକୁ ନିୟୋଜିତ କରିବା ପୋଲିସ ମହାନିରୀକ୍ଷକଙ୍କ ପକ୍ଷରେ କିମ୍ବା ଏଥି ନିମିତ୍ତ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରାଧିକୃତ ଅନ୍ୟ କୌଣସି ଅଧିକାରୀଙ୍କ ପକ୍ଷରେ ବିଧିସମ୍ମତ ହେବ ।

*1960*
*ରାଜସ୍ଥାନ ରାଜ୍ୟ ଏବଂ ଅନ୍ୟମାନେ ବନାମ ଠାକୁର୍ ପ୍ରତାପ ସିଂହ*
*ନ୍ୟାୟମୂର୍ତ୍ତି ରାଜାଗୋପାଳ ଆୟଙ୍ଗର୍*

(3) ଏହି ଧାରା ଉପଧାରା (5) ର ବ୍ୟବସ୍ଥାଗୁଡ଼ିକର ବଶବର୍ତ୍ତୀ ରହି, ସେହି ଅତିରିକ୍ତ ପୋଲିସ ବାହିନୀର ଖର୍ଚ୍ଚ ସେହି ଉଦ୍-ଘୋଷଣାରେ ବର୍ଣ୍ଣିତ କ୍ଷେତ୍ରର ଅଧିବାସୀମାନେ ବହନ କରିବେ ।

(4) ଜିଲ୍ଲା ମାଜିଷ୍ଟ୍ରେଟ୍ ସ୍ୱୀୟ ବିବେଚନାମତେ ଆବଶ୍ୟକ ତଦନ୍ତ ପରେ, ଯେଉଁ ଅଧିବାସୀମାନେ ଉପରୋକ୍ତ ମତେ ଯେଉଁ ଖର୍ଚ୍ଚ ବହନ କରିବାକୁ ଦାୟୀ ହୋଇଥିବେ ଏବଂ ଯେଉଁମାନେ ପରବର୍ତ୍ତୀ ଉପଧାରା ଅନୁସାରେ ଅବ୍ୟାହତି ପାଇ ନଥିବେ ସେହି ଅଧିବାସୀମାନଙ୍କ ମଧ୍ୟରେ ସେହି ଖର୍ଚ୍ଚ ଭାଗ କରିବେ । ସେହି ବିଭାଜନ ମାଜିଷ୍ଟ୍ରେଟଙ୍କ ରାୟ ଅନୁସାରେ ସେହି କ୍ଷେତ୍ରର ଅଧିବାସୀମାନଙ୍କର ସମ୍ବଳ ଦୃଷ୍ଟିରୁ କରା ଯିବ ।

(5) ସେହି ଅଧିବାସୀମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତିଙ୍କୁ କିମ୍ବା ଶ୍ରେଣୀ କିମ୍ବା ଗୋଷ୍ଠୀକୁ ସେହି ଖର୍ଚ୍ଚର ଅଂଶ ବହନର ଦାୟିତ୍ୱରୁ ଅବ୍ୟାହତି ଦେବା ରାଜ୍ୟ ସରକାରଙ୍କ ପକ୍ଷରେ ବିଧିସମ୍ମତ ହେବ ।

ଉପଧାରା (6) କୁ ପ୍ରାସଙ୍ଗିକ ନୁହେଁ ବୋଲି ବାଦ୍ ଦିଆଯାଇଛି ।

ଯେଉଁ ଅଧିସୂଚନା ଦ୍ୱାରା ଏହି ବ୍ୟବସ୍ଥାଗୁଡ଼ିକ ଲାଗୁ କରାଯାଇଥିଲା ଏବଂ ଯାହା ଏହି କାର୍ଯ୍ୟାନୁଷ୍ଠାନରେ ଆକ୍ଷେପିତ ହୋଇଛି, ତାହା ଏହି ଶବ୍ଦରେ ଥିଲା :-

"ଯେହେତୁ ରାଜପ୍ରମୁଖ ସନ୍ତୁଷ୍ଟ ଯେ ଏଠାରେ ସଂଲଗ୍ନ ସୂଚୀରେ ଦର୍ଶାଯାଇଥିବା ଅଞ୍ଚଳ ଏକ ଅଶାନ୍ତ ଏବଂ ବିପଜ୍ଜନକ ଅବସ୍ଥାରେ ଥିବା ଦେଖିବାକୁ ମିଳିଛି;

ତେଣୁ, ପୋଲିସ୍ ଅଧିନିୟମ (1861 ର 5) ର ଧାରା 15 (1) ଅନୁଯାୟୀ ତାଙ୍କ ଉପରେ ନ୍ୟସ୍ତ ହୋଇଥିବା କ୍ଷମତାର ପ୍ରୟୋଗ କରି, ରାଜପ୍ରମୁଖ ଘୋଷଣା କରିଛନ୍ତି ଯେ ଉକ୍ତ ସୂଚୀରେ ଅନ୍ତର୍ଭୁକ୍ତ ଥିବା 24 ଟି ଗ୍ରାମ, ଏହି ଅଧିସୂଚନାର ଘୋଷଣା ହେବା ତାରିଖ ଠାରୁ ଛଅ ମାସ ଅବଧି ପାଇଁ, ଅଶାନ୍ତ ଅଞ୍ଚଳ ବୋଲି ବିବେଚନା କରାଯିବ ।

ପୋଲିସ୍ ଅଧିନିୟମ (1861 ର 5) ର ଉକ୍ତ ଧାରା 15 ର ଉପଧାରା 2 ଅନୁଯାୟୀ, ରାଜପ୍ରମୁଖ ଆରକ୍ଷୀ ମହାନିରୀକ୍ଷକଙ୍କୁ ଉକ୍ତ ଅଞ୍ଚଳରେ ସାଧାରଣ ଭାବେ ମୂତୟନ ଥିବା ପୋଲିସ ବାହିନୀ ବ୍ୟତୀତ କୌଣସି ଅତିରିକ୍ତ ପୋଲିସ୍ ବାହିନୀକୁ, ଉକ୍ତ ଅଞ୍ଚଳର ଅଧିବାସୀଙ୍କ ଖର୍ଚ୍ଚରେ, ନିୟୋଜିତ କରିବାକୁ କ୍ଷମତା ପ୍ରଦାନ କରିଛନ୍ତି ।

ଉକ୍ତ ଅଧିନିୟମର ଧାରା 15 ର ଉପଧାରା 5 ଅନୁଯାୟୀ, ରାଜପ୍ରମୁଖ ଏହି ଗ୍ରାମଗୁଡ଼ିକର ହରିଜନ ଏବଂ ମୁସଲମାନ ଅଧିବାସୀମାନଙ୍କୁ ଅତିରିକ୍ତ ପୋଲିସ ବାହିନୀ ନିୟୋଜିତ କରିବା ନିମନ୍ତେ ହେବାକୁ ଥିବା ଖର୍ଚ୍ଚର କୌଣସି ଅଂଶ ବହନ କରିବାର ଦାୟିତ୍ୱରୁ ଅବ୍ୟାହତି ଦେଇଛନ୍ତି ।

ଏହା ପରେ 24 ଟି ଗ୍ରାମର ନାମଗୁଡ଼ିକୁ ଲେଖା ଯାଇଥିଲା ।

ଏହି 24 ଟି ଗ୍ରାମ ମଧ୍ୟରୁ ଅନ୍ୟତମ, ବରଗାଓଁ ଗ୍ରାମର ବାସିନ୍ଦା ଠାକୁର ପ୍ରତାପ ସିଂହ, ପ୍ରତିବାଦୀ, ପୋଲିସ ଅଧିନିୟମର ଧାରା 15 ଏବଂ ବିଶେଷ କରି ଏହାର ଉପଧାରା 5 ଏବଂ ସେହି ଅଧିସୂଚନାର ବୈଧତାକୁ ବିରୋଧ କରି ସମ୍ବିଧାନର ଅନୁଚ୍ଛେଦ 226 ଅନୁଯାୟୀ ଏକ ଆଜ୍ଞାଦେଶ କିମ୍ବା ନିର୍ଦ୍ଦେଶ ଜାରି କରିବା ପାଇଁ ରାଜସ୍ଥାନ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ ଏବଂ ଉପଯୁକ୍ତ ପ୍ରତିକାର ପାଇଁ ପ୍ରାର୍ଥନା କରିଥିଲେ । ସାଧାରଣ ଭାବେ ପୋଲିସ୍ ଅଧିନିୟମର ଧାରା 15 ର ଅବୈଧତା ଏବଂ ଅତିରିକ୍ତ ପୋଲିସ୍ ବାହିନୀର ଖର୍ଚ୍ଚ ବହନ କରିବା ପାଇଁ "କୌଣସି ବ୍ୟକ୍ତି କିମ୍ବା ବର୍ଗ କିମ୍ବା ଏହିପରି ଅଧିବାସୀଙ୍କ ଏକ ନିର୍ଦ୍ଦିଷ୍ଟ ଦଳକୁ" ଦାୟିତ୍ୱରୁ ଅବ୍ୟାହତି ଦେବା ପାଇଁ ରାଜ୍ୟ ସରକାରଙ୍କୁ ଦିଆଯାଇଥିବା କ୍ଷମତାକୁ ନେଇ ଉପସ୍ଥାପିତ ବ୍ୟାପକ ଯୁକ୍ତିକୁ ଉଚ୍ଚ ନ୍ୟାୟାଳୟ ପ୍ରତ୍ୟାଖ୍ୟାନ କରିଦେଲେ । କିନ୍ତୁ ବିଜ୍ଞ ବିଚାରପତିମାନେ ମତବ୍ୟକ୍ତ କରିଥିଲେ ଯେ ଅଧିସୂଚନାର ପାରା 4, ଯାହା "ଗ୍ରାମର ହରିଜନ ଏବଂ ମୁସଲମାନ ଅଧିବାସୀମାନଙ୍କୁ" ଖର୍ଚ୍ଚ ଦେୟରୁ ଅବ୍ୟାହତି ଦେଇଛି, ତାହା ଜାତି କିମ୍ବା ଧର୍ମ ଇତ୍ୟାଦି ଆଧାରରେ ଭେଦଭାବ ବିରୁଦ୍ଧରେ ସମ୍ବିଧାନର ଅନୁଚ୍ଛେଦ 15 (1) ରେ ଥିବା ପ୍ରତିଶ୍ରୁତିର ଉଲ୍ଲଂଘନ କରୁଛି, ଯାହା କହି ଅଛି:

"ରାଜ୍ୟ କୌଣସି ନାଗରିକଙ୍କ ପ୍ରତି କେବଳ ଧର୍ମ, ମୂଳବଂଶ, ଜାତି, ଲିଙ୍ଗ, ଜନ୍ମସ୍ଥାନ କିମ୍ବା ଏଥି ମଧ୍ୟରୁ କୌଣସିଟି ହେତୁ କୌଣସି ଭେଦଭାବ ଆଚରଣ କରିବ ନାହିଁ" । ଏବଂ ଏହାକୁ ଅସାମ୍ବିଧାନିକ ବୋଲି କହି ରଦ୍ଦ କରିଦେଲେ ।

ରାଜସ୍ଥାନ ରାଜ୍ୟ ଏହି ଆଦେଶ ଦ୍ୱାରା ବ୍ୟଥିତ ହୋଇ, ଅନୁଚ୍ଛେଦ 132 (1) ଅନୁଯାୟୀ ଏକ ପ୍ରମାଣ ପତ୍ର ପାଇଁ ଉଚ୍ଚ ନ୍ୟାୟାଳୟରେ ଆବେଦନ କରିଥିଲା, ଯାହା ଏହାକୁ ଏହି ନ୍ୟାୟାଳୟରେ ଏକ ଆବେଦନ ଦାଖଲ କରିବାକୁ ସକ୍ଷମ କରିଥିଲା ଏବଂ ଏହା ମଞ୍ଜୁର ହେବା ପରେ, ଆବେଦନ ବର୍ତ୍ତମାନ ଆମ୍ଭ ସମ୍ମୁଖରେ ଅଛି ।

*1960*

*ରାଜସ୍ଥାନ ରାଜ୍ୟ ଏବଂ ଅନ୍ୟମାନେ*

*ବନାମ*

*ଠାକୁର୍ ପ୍ରତାପ ସିଂହ*

*ନ୍ୟାୟମୂର୍ତ୍ତି ରାଜାଗୋପାଳ ଆୟଙ୍ଗର୍*

ରାଜ୍ୟ ତରଫରୁ ବିଜ୍ଞ ଓକିଲ ଏକ ଉଦ୍ୟମ ସମନ୍ୱିତ ପ୍ରୟାସ କରି ଏହା ଦର୍ଶାଇବାକୁ ଚାହିଁଥିଲେ ଯେ ସେହି ବିବାଦୀୟ ଅଧିସୂଚନାରେ ଉକ୍ତ ଗ୍ରାମଗୁଡ଼ିକର ହରିଜନ ଏବଂ ମୁସଲମାନ ଅଧିବାସୀମାନଙ୍କୁ କେବଳ 'ଜାତି' କିମ୍ବା 'ଧର୍ମ' କିମ୍ବା ଅନୁଚ୍ଛେଦ 15 (1) ରେ ନିର୍ଦ୍ଧାରିତ ଅନ୍ୟ ମାନଦଣ୍ଡ ଆଧାରରେ ଅବ୍ୟାହତି ଦିଆଯାଇ ନଥିଲା, ବରଂ ଏହି ଆଧାରରେ ଦିଆଯାଇଥିଲା ଯେ ଯେଉଁ ଆଚରଣ ହେତୁ ଅତିରିକ୍ତ ପୋଲିସ ବାହିନୀକୁ ନିୟୋଜିତ କରିବା ଆବଶ୍ୟକ ପଡିଥିଲା, ସେଥିରେ ଏହି ଦୁଇ ସମ୍ପ୍ରଦାୟର ବ୍ୟକ୍ତିମାନେ ଦୋଷୀ ନଥିଲେ ବୋଲି ରାଜ୍ୟ ଦ୍ୱାରା ଜଣା ପଡ଼ିଥିଲା । ଏହା ସେହି ସମାନ ତର୍କ ଥିଲା ଯାହା ଉଚ୍ଚ ନ୍ୟାୟାଳୟଙ୍କୁ ସମ୍ବୋଧିତ କରାଯାଇଥିଲା ଏବଂ ବିଜ୍ଞ ବିଚାରପତିମାନଙ୍କ ଦ୍ୱାରା ପ୍ରତ୍ୟାଖ୍ୟାନ କରାଯାଇଥିଲା, ଯେଉଁମାନେ ମନ୍ତବ୍ୟ ଦେଇଥିଲେ:

"ବର୍ତ୍ତମାନ ଏହା ଏକ ବିଚିତ୍ର ତର୍କ ଯେ କେବଳ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ କିମ୍ବା ଜାତିର ବ୍ୟକ୍ତିମାନେ ଆଇନ ପାଳନ କରୁଥିବା ନାଗରିକ ହୋଇଥିବାବେଳେ ଅନ୍ୟ ସମ୍ପ୍ରଦାୟର ସଦସ୍ୟମାନେ ସେପରି ନଥିଲେ । ଯେକୌଣସି ସମ୍ପ୍ରଦାୟ କିମ୍ବା ଧର୍ମର ସଦସ୍ୟମାନଙ୍କ ମଧ୍ୟରେ ବିଶୃଙ୍ଖଳିତ ଉପାଦାନ ଦେଖିବାକୁ ମିଳିପାରେ, ଠିକ୍ ଯେପରି ସେହି ସମ୍ପ୍ରଦାୟ କିମ୍ବା ଧର୍ମର ସଦସ୍ୟମାନଙ୍କ ମଧ୍ୟରେ ଉଦାରତା ଉପାଦାନ ଥାଇପାରେ ।

ଆମ୍ଭ ମତରେ, ବିଜ୍ଞ ବିଚାରପତିମାନଙ୍କ ଦ୍ୱାରା ଏଠାରେ ପ୍ରକାଶ ହୋଇଥିବା ମତ ସଠିକ୍ ଅଟେ । ଯଦିଓ ଏପରି ହେଇଥାଏ କି ସେହି ସମ୍ପ୍ରଦାୟଗୁଡ଼ିକର ଅଧିକାଂଶ ସଦସ୍ୟଙ୍କୁ ଅବ୍ୟାହତି ମିଳିଥିଲା କିମ୍ବା ଏପରିକି ସେମାନେ ସମସ୍ତେ ଆଇନ ପାଳନ କରୁଥିଲେ, ରାଜ୍ୟ ତରଫରୁ ଏହା ଯୁକ୍ତି କରାଯାଇ ନଥିଲା ଯେ ଏହି 24 ଟି ଗ୍ରାମର ଅନ୍ୟାନ୍ୟ ସମ୍ପ୍ରଦାୟର କୌଣସି ଶାନ୍ତିପୂର୍ଣ୍ଣ ଏବଂ ଆଇନ ପାଳନକାରୀ ବ୍ୟକ୍ତି ନଥିଲେ ଯେଉଁମାନଙ୍କ ଉପରେ ଶାସ୍ତିମୂଳକ ଦେୟ ଧାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଉଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ଆବେଦନ ହୋଇଥିବା ଆବେଦନର ପାରା 5 (f) ରେ, ପ୍ରତିବାଦୀ ଦାବୀ କରିଥିଲେ:

"ଉପରୋକ୍ତ ଅଧିସୂଚନା ଭାରତୀୟ ସମ୍ବିଧାନର କ୍ଷମତାତୀତ ଅଟେ, କାରଣ ଏହା ଏକ ଗ୍ରାମର ନାଗରିକମାନଙ୍କ ମଧ୍ୟରେ ଧର୍ମ, ମୂଳବଂଶ କିମ୍ବା ଜାତି ଆଧାରରେ ଭେଦଭାବ କରୁଅଛି, ଯେତେ ପରିମାଣରେ ଏହା ମୁସଲମାନ ଧର୍ମ ଗ୍ରହଣ କରିଥିବା ବ୍ୟକ୍ତି ଏବଂ ଅନ୍ୟମାନଙ୍କ ମଧ୍ୟରେ ଏବଂ ମୁସଲମାନ ଓ ହରିଜନ ଜାତି ଏବଂ ଅନ୍ୟମାନଙ୍କ ମଧ୍ୟରେ ମଧ୍ୟ ପାର୍ଥକ୍ୟ ସୃଷ୍ଟି କରିଅଛି । ତେଣୁ ଏହା ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 15 ର ବ୍ୟବସ୍ଥାକୁ ଉଲ୍ଲଙ୍ଘନ କରୁଛି" ।

ରାଜ୍ୟ ପକ୍ଷରୁ ଏହାର ଉତ୍ତର ନିମ୍ନ ଭାବରେ ଦିଆଗଲା:

"ଏହି ଗ୍ରାମଗୁଡ଼ିକର ହରିଜନ ଏବଂ ମୁସଲମାନ ଅଧିବାସୀମାନଙ୍କୁ ଅତିରିକ୍ତ ପୋଲିସ ବାହିନୀ ମୁତୟନର କୌଣସି ଖର୍ଚ୍ଚର ଅଂଶ ବହନ କରିବାର ଦାୟିତ୍ୱରୁ ଅବ୍ୟାହତି ସେମାନଙ୍କ ଧର୍ମ, ମୂଳବଂଶ କିମ୍ବା ଜାତି କାରଣରୁ ନୁହେଁ, ବରଂ ସେମାନେ ଶାନ୍ତିପ୍ରିୟ ଏବଂ ଆଇନ ପାଳନକାରୀ ନାଗରିକ ଥିଲେ ବୋଲି ଜଣାପଡ଼ିଥିବାରୁ, ସେହି 24 ଟି ଗ୍ରାମରେ ଅତିରିକ୍ତ ବାହିନୀ ମୁତୟନ କରାଯାଇଛି" ।

ଉଚ୍ଚ ନ୍ୟାୟାଳୟରେ ଆବେଦନ ପର୍ଯ୍ୟାୟରେ ମଧ୍ୟ ଏହା ରାଜ୍ୟର ଯୁକ୍ତି ନଥିଲା ଯେ ଅନ୍ୟାନ୍ୟ ସମ୍ପ୍ରଦାୟର କୌଣସି ବ୍ୟକ୍ତି ଶାନ୍ତିପ୍ରିୟ ଏବଂ ଆଇନ ପାଳନକାରୀ ବ୍ୟକ୍ତି ନଥିଲେ, ଯଦିଓ ଏହା ହୋଇ ପାରେ ବି, ରାଜ୍ୟ ଅନୁଯାୟୀ, ଏହି ଅନ୍ୟାନ୍ୟ ସମ୍ପ୍ରଦାୟଗୁଡ଼ିକର ଏକ ବଡ଼ ସଂଖ୍ୟା ଅନ୍ୟ ଦିଗକୁ ପ୍ରବୃତ୍ତ ହେଉଥିଲେ । ଯଦି ଏପରି ହୁଏ, ତେବେ ଏହା ସୂଚିତ କରେ ଯେ ଏହି ଅଧିସୂଚନା ଅନ୍ୟାନ୍ୟ ସମ୍ପ୍ରଦାୟଗୁଡ଼ିକର ଆଇନ ପାଳନକାରୀ ସଦସ୍ୟଙ୍କ ପ୍ରତି ଭେଦଭାବ କରିଛି ଏବଂ କେବଳ 'ଜାତି' କିମ୍ବା 'ଧର୍ମ' ଆଧାରରେ ମୁସଲମାନ ଏବଂ ହରିଜନ ସମ୍ପ୍ରଦାୟ ସପକ୍ଷରେ ରହିଅଛି (ଯଦି ସେମାନେ ସମସ୍ତେ "ଶାନ୍ତିପ୍ରିୟ ଏବଂ ଆଇନ ପାଳନକାରୀ" ବୋଲି ଧରାଯାଏ) । ଯଦି ଅନ୍ୟ କିଛି କାରଣ ଥିଲା, ତେବେ ସେଗୁଡ଼ିକ ଅଧିସୂଚନାରେ ଉଲ୍ଲେଖ କରାଯିବା ଉଚିତ ଥିଲା । ଏହା ସ୍ପଷ୍ଟ ଯେ ଏହି ଅଧିସୂଚନା ଅନୁଚ୍ଛେଦ 15 (1) ର ସର୍ତ୍ତାବଳୀର ସିଧାସଳଖ ବିପରୀତ ଅଟେ ଏବଂ ଅଧିସୂଚନାର ପାରା 4 ଏକ ନିର୍ଦ୍ଦିଷ୍ଟ ସାମ୍ବିଧାନିକ ନିଷେଧର ଉଲ୍ଲଂଘନ କରିଛି ବୋଲି ନିନ୍ଦା କରାଯାଇଛି । ଆମ୍ଭ ମତରେ, ଉଚ୍ଚ ନ୍ୟାୟାଳୟଙ୍କ ବିଜ୍ଞ ବିଚାରପତିମାନେ ଅଧିସୂଚନାର ଏହି ପାରାକୁ ରଦ୍ଦ କରିବାରେ ସ୍ପଷ୍ଟ ଭାବରେ ଠିକ୍ ଥିଲେ ।

ଆବେଦନଟି ବିଫଳ ହୋଇଛି ଏବଂ ଖାରଜ କରାଯାଇଛି । ଯେହେତୁ ପ୍ରତିବାଦୀ ହାଜର ହୋଇନାହାନ୍ତି, ଖର୍ଚ୍ଚ ସମ୍ବନ୍ଧରେ କୌଣସି ଆଦେଶ ରହିବ ନାହିଁ ।

ଆବେଦନ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ। ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ।"

***ଭାଷାନ୍ତର :***

ଅମରେଶ୍ୱର ମିଶ୍ର, ଅନୁବାଦକ,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।